## Chapter- 2

# ପ୍ରଭାତ ଅବକାଶ

**QUESTION BANK**

**ସଂକ୍ଷିପ୍ତ ଉତ୍ତର ଲେଖ ।**

୧. ସକାଳ ହେବାରୁ କେଉଁ କେଉଁ ପକ୍ଷୀ ରାବିଲେ ?

୨. ମାତା ଯଶୋବନ୍ତୀ ଶ୍ରୀକୃଷ୍ଣଙ୍କୁ କେଉଁ ସବୁ ଖାଦ୍ୟ ଖୁଆଇବେ ବୋଲି କହିଛନ୍ତି ?

୩. ଶ୍ରୀକୃଷ୍ଣ କେଉଁ କାରଣରୁ ପଥଶ୍ରମ ପାଇ ଅଧି ସମୟ ଶୋଇଯାଇଛନ୍ତି ?

୪. କେଉଁମାନେ ସିଂହଦ୍ୱାର ନିକଟରେ ଥାଇ ଶ୍ରୀକୃଷ୍ଣକୁ ଡ଼ାକୁଛନ୍ତି ?

୫. କେଉଁ କେଉଁ ପକ୍ଷୀ ଶ୍ରୀକୃଷ୍ଣଙ୍କୁ ରାତି ପାହି ଯିବାର ସୂଚନା ଦେଉଛନ୍ତି ?

୬. ଶ୍ରୀକୃଷ୍ଣ ନିଦରୁ ଉଠିବା ପରେ ମା' ଯଶୋଦା କ'ଣ କରିବେ କହୁଛନ୍ତି ?

୭. ଶ୍ରୀକୃଷ୍ଣ କାହିଁକି ଏତେବେଳ ପର୍ଯ୍ୟନ୍ତ ଶୋଇଛନ୍ତି ବୋଲି ମାତା ଯଶୋଦା ଭାବୁଛନ୍ତି ?

୮. ଏହି କବିତାଟିରେ ଯଶୋଦାଙ୍କର ମାତୃ ସ୍ନେହ କିପରି ଫୁଟି ଉଠିଛି ?

୯. ଗୋପାଳ ବାଳକମାନେ କଣ କହି ଶ୍ରୀକୃଷ୍ଣଙ୍କୁ ନିଦରୁ ଉଠାଉଛନ୍ତି ?

୧୦. ମାଆ ଯଶୋଦା ଶ୍ରୀକୃଷ୍ଣଙ୍କୁ ନିଦରୁ ଉଠାଇବା ପାଇଁ ବ୍ୟସ୍ତ ହୋଇ ପଡ଼ିଛନ୍ତି । ଯେଉଁ ପଦଟିରୁ ଏହାର ସୂଚନା ମିଳୁଛି, ସେହି ପଦଟି ଲେଖ ।

୧୧. ଶ୍ରୀକୃଷ୍ଣଙ୍କୁ କିଏ, କେଉଁ ନାମ ଧରି ଡ଼ାକିଛନ୍ତି, ସେହି ନାମଗୁଡ଼ିକ ଲେଖ ।

୧୨. ବଂଶୀ ଧରନ୍ତି ଯେ, ସେ ବଂଶୀଧର, ଏହି ଭଳି ଆଉ କେତୋଟି ଶବ୍ଦ ଲେଖ ।

୧୩. ସକାଳ ହେବାରୁ କେଉଁ ପକ୍ଷୀମାନେ ରାବିଲେ ?

୧୪. କେଉଁମାନେ ସିଂହ ଦ୍ୱାର ନିକଟରେ ଥାଇ ଶ୍ରୀକୃଷ୍ଣଙ୍କୁ ଡାକୁଛନ୍ତି ?

୧୫. ଶ୍ରୀକୃଷ୍ଣ ନିଦରୁ ଉଠିବା ପରେ ମାଆ ଯଶୋଦା କ'ଣ କରିବେ କହୁଛନ୍ତି ?

୧୬. ଏହି କବିତାରେ ଯଶୋଦାଙ୍କର ମାତୃସ୍ନେହ କିପରି ଫୁଟି ଉଠିଛି ?

୧୭. ଗୋପବାଳକ ମାନେ କ'ଣ କହି ଶ୍ରୀକୃଷ୍ଣଙ୍କୁ ନିଦରୁ ଉଠାଉଛନ୍ତି ?

**ଅସଜଡ଼ା ପଦକୁ ସଜାଡ଼ି ଲେଖ**

୧୮. ବାସୁଦେବ ଉଚ୍ଛୁର ଗୋ- ଗୋଷ୍ଠେ ହେବ ରାମ ଉଠ ।

୧୯. ଆହାର ନଦୀକୂଳେ ଦଧି ସାଥେ ଅନ୍ନ ନେବ କରିବ ହେ ।

**ସପ୍ରସଙ୍ଗ ସରଳାର୍ଥ ଲେଖ ।**

୨୦. ଅମୃତପାଣି କଦଳୀ ଲବଣୀ ସଙ୍ଗତେ ଗୋଳି

ଅଧାମ ଗୋଟିକା ପୁଳି ଖଣ୍ଡସଙ୍ଗେ ଭୁଞ୍ଜାଇବି ସର ହେ ।

୨୧. ବାଛୁରୀ ଚରାଇ ଯାଇ କାଲି ପଥଶ୍ରମ ପାଇ

ଅଳସରେ ଅଛୁ ଶୋଇ ଅଶକତ ହୁଏ କି ଶରୀର ହେ ।

**ବସ୍ତୁନିଷ୍ଠ ପ୍ରଶ୍ନାବଳୀ ।**

୨୨. 'ପ୍ରଭାତ ଅବକାଶ' କବିତାଟି କବିଙ୍କ କେଉଁ ପୁସ୍ତକରୁ ଆସିଅଛି ?

(i)ପଦ୍ମ ପାଖୁଡ଼ା (ii)ବନମାଳୀ ପଦାବଳୀ (iii)ବନମାଳୀ ଭଜନ ମାଳା (iv)ଓଡ଼ିଆ ଭାଗବତ

୨୩. 'ପିକ' ଶବ୍ଦ ଅର୍ଥ କ'ଣ ?

(i)କୋଇଲି (ii)କାଉ (iii)ବଗ (iv)କୁକୁଡ଼ା

୨୪. 'ପ୍ରଭାତ ଅବକାଶ' କବିତାର କବିଙ୍କ ନାମ କ'ଣ ?

(i)ଜଗନ୍ନାଥ ଦାସ (ii)ଅନନ୍ତ ଦାସ (iii)ବନମାଳୀ ଦାସ (iv)ରାମ ଦାସ

୨୫. କବିତାରେ 'ଉଠ-ରାମ ବାସୁଦେବ' ବୋଲି କିଏ କହିଛନ୍ତି ?

(i)ଦେବକୀ (ii)ଗୋପବାଳକ (iii)ନନ୍ଦ (iv)ଯଶୋଦା

ODM EDUCATIONAL GROUP Changing your Tomorrow

୨୬. ନଦୀକୂଳରେ କ'ଣ ଆହାର ଗ୍ରହଣ କରିବେ ବୋଲି ଯଶୋଦା କହିଛନ୍ତି ?

(i)ଲବଣି (ii)ଦଧିଅନ୍ନ (iii)ଅଧାମ ଗୋଟିକା (iv)ସର ଲବଣି

**୨୭. ରଚନା ଲେଖ ।**

ତୁମ୍ଭର ପ୍ରିୟ ଖେଳ

ତୁମ୍ଭର ପ୍ରିୟ ପୁସ୍ତକ

ଓଡ଼ିଶାର ପଲ୍ଲୀ ପ୍ରକୃତି

ଓଡ଼ିଶାର ଏକ ଦର୍ଶନୀୟ ସ୍ଥାନ

**୨୮. ଦରଖାସ୍ତ ଓ ପତ୍ର ଲିଖନ**

ତୁମ୍ଭ ଗ୍ରାମରେ ପାନୀୟ ଜଳର ଘୋର ଅଭାବ । ଗୋଟିଏ ନଳକୂପ ବସାଇବା ପାଇଁ ଜିଲ୍ଲାପାଳଙ୍କ ନିକଟକୁ ଦରଖାସ୍ତ ଲେଖ ।

କୌଣସି ଦର୍ଶନୀୟ ସ୍ଥାନର ଅନୁଭୂତି ବର୍ଣ୍ଣନା କରି ଦୂରରେ ଥିବା ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।

ODM EDUCATIONAL GROUP
Changing your Tomorrow

****